P.R. No.__________/
dt.______________

# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

## ଇସ୍ତାହାର

**ରେ.ମି. କେସ ସଂଖ୍ୟା ନଂ- ୭୨/୨୦୨୪**

ଏତଦ୍ୱାରା **ଗନ୍ଧାରିଆ ୟୁ.ନ.12** ମୌଜାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି ଉପରେ **ବିଶ୍ୱବିଦ୍ୟାଳୟ ର ଭିତ୍ତି ଭୂମି ଉନ୍ନୟନ** ପାଇଁ ନିଷ୍ପତି ହୋଇଥିବାରୁ ଉକ୍ତ ଜମିକୁ **ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର** ନାମରେ ରେକର୍ଡ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି ଅନୁମୋଦିତ ମାଷ୍ଟର ପ୍ଲାନ ରେ କ୍ଲାସ **"C-IV"** ଶ୍ରେଣୀ ଭୁକ୍ତ ହୋଇଅଛି। ଉକ୍ତ ସରକାରୀ ଜମିରେ ରେଜିଷ୍ଟ୍ରାର, ଧରଣୀ ଧର ବିଶ୍ୱ ବିଦ୍ୟାଳୟ, କେନ୍ଦୁଝର ବିଶ୍ୱ ବିଦ୍ୟାଳୟ ର ଉନ୍ନତିକରଣ ନିମନ୍ତେ ଆବେଦନ କରିଅଛନ୍ତି। ବର୍ତମାନ ଏହି ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଶ୍ରେଣୀ କ୍ଲାସ-**"C-IV"** ରୁ **"C-I"** କୁ ପରିବର୍ତ୍ତନ କରିବା ଅପରିହାୟ ଅଟେ ।

ଏହା ଦ୍ୱାରା ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନର ସ୍ୱାର୍ଥ ହାନୀ ଘଟୁଥାଏ, ତେବେ ସମ୍ପୃକ୍ତ ବ୍ୟକ୍ତି ନିଜେ ବା ଅନୁଷ୍ଠାନର କର୍ମକର୍ତ୍ତା ନିଜେ ବା କ୍ଷମତା ପ୍ରାପ୍ତ ପତିନିଧିଙ୍କ ଜରିଆରେ ଇସ୍ତାହାର ପ୍ରକାଶନର ୧୫ (ପନ୍ଦର ଦିନ) ଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମକ୍ଷରେ ଉପସ୍ଥିତ ରହି ଟ.୨୦.୦୦ (କୋଡିଏ) ଟଙ୍କାର କୋର୍ଟ ଫି ସଂଲଗ୍ନ କରି ଅଭିଯୋଗ ପତ୍ର ଦାଖଲ କରିପାରିବେ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଆପତ୍ତି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

## ତଫସିଲ

| ମୌଜା। | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ରକବା | କିସମ | ଅନୁମୋଦିତ କେନ୍ଦୁଝରଗଡ ପୌରପାଳିକା ମାଷ୍ଟର ପ୍ଲାନ ରେ ଶ୍ରେଣୀ କ୍ଲାସ | ପ୍ରସ୍ତାବିତ କ୍ଲାସ |
|---|---|---|---|---|---|---|---|
| ଗନ୍ଧାରିଆ ୟୁ.ନ.12 | **୧୭୦** (ରକ୍ଷିତ) | ୮୨୫ | ଏ.୫.୦୭୦ | ଏ.୫.୦୭୦ | ବଗାୟତ ତିନି | **C-IV** | **C-I** |

7/12/24

**ତହସିଲଦାର, କେନ୍ଦୁଝର**
TAHASILDAR
KEONJHAR

ଏହାର ଏକକିତା ନକଲ କେନ୍ଦୁଝରଗଡ ପୌରପାଳିକା ର ସମ୍ପୃକ୍ତ ୱାର୍ଡରେ ବସବାସ କରୁଥିବା ବାସିନ୍ଦାଙ୍କ ଅବଗତି ନିମନ୍ତେ ଡାକ ବାଜି ଯନ୍ତ୍ର ଦ୍ୱାରା ପ୍ରଚାର ଓ ପ୍ରସାର ନିମନ୍ତେ ଦିଆଗଲା / ଅନ୍ୟ ଏକକିତା ନକଲ ନିର୍ବାହୀ ଅଧିକାରୀ, କେନ୍ଦୁଝରଗଡ ପୌରପାଳିକା କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରିତ ହେଲା / ଏକକିତା ନକଲ ଜିଲ୍ଲା ୱେବସାଇଟ (www.kendujhar.nic.in)ରେ ଏବଂ ଏକକିତା ତହସିଲ ଅଫିସ କାର୍ଯ୍ୟାଳୟ , କେନ୍ଦୁଝର ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

7/12/24

**ତହସିଲଦାର କେନ୍ଦୁଝର**
TAHASILDAR
KEONJHAR

Scanned with OKEN Scanner